**ଲଗାଣ ବର୍ଷାରେ ଘର ଭାଙ୍ଗିଲା**

ଛତ୍ରପୁର,୧୫।୧୧(ଡିଏନଏ )-ଛତ୍ରପୁର ଏନ୍ଏସି ୯ନଂ. ୱାର୍ଡର ନୂଆସାହିରେ ଗତ ୨ଦିନ ଧରି ଲଗାଣ ବର୍ଷାରେ ସୋମବାର ଏକ କଚ୍ଚା ଘର ଭାଙ୍ଗିଛି। ସୌଭାଗ୍ୟବଶତଃ ଦୁଇ ଶିଶୁ ସମେତ ମା' ବାପ ବର୍ତ୍ତିଯାଇଛନ୍ତି। ସାହିରେ ଥିବା କାଳୁ ଚରଣ ନାୟକଙ୍କ ଘରଟି ସକାଳୁ ସମ୍ପୂର୍ଣ୍ଣ ଭାବେ ଭୁଶୁଡି ପଡିଥିଲା। ତେବେ ସେ ଘର ଭିତରେ କେହି ନ ଥିବାରୁ ଦମ୍ପତି ଓ ସେମାନଙ୍କ ଦୁଇ ଶିଶୁ ବଞ୍ଚିଯାଇଛନ୍ତି । ପୂର୍ବତନ ଏନଏସି ଉପାଧକ୍ଷ ପ୍ରଦୋଷ କୁମାର ବେହେରା, ଏନଏସି କାର୍ଯ୍ୟ ନିର୍ବାହୀ ଅଧିକାରୀ ଏନ. ଗଣେଶ ବାବୁ ଓ ଷ୍ଟାପ ପହଞ୍ଚି ସ୍ଥିତି ଅନୁଧାନ କରିଛନ୍ତି। କାଳୁ ଜଣେ ଦିନ ମଜୁରିଆ (ରଙ୍ଗ ମିସ୍ତ୍ରୀ )। ତାଙ୍କୁ ସରକାରୀ ସହାୟତା ସହ ଆବାସ ଯୋଜନାରେ ସାମିଲ କରି ଗୃହ ଯୋଗାଇବା ନିମନ୍ତେ ପୂର୍ବତନ ଏନଏସି ଉପାଧାକ୍ଷ ପ୍ରଦୋଷ କୁମାର ବେହେରା ଓ ସ୍ଥାନୀୟ ଲୋକ ଦାବି କରିଛନ୍ତି ।

# ଅଧାରେ ଅଟକିଲା ଏମ୍‌କେସିଜି ମେଡିକାଲ ଲିଫ୍ଟ

## ଅଧଘଣ୍ଟା ଫସି ରହିଲେ ୧୦ ଜଣ

ବ୍ରହ୍ମପୁର ଅଫିସ,୧୫।୧୧



ଏମ୍‌କେସିଜି ମେଡିକାଲରେ ସୋମବାର ପୂର୍ବାହ୍ନରେ ଏକ ବଡ ଧରଣର ଅବ୍ୟବସ୍ଥା ସାମ୍ନାକୁ ଆସିଛି। ରୋଗୀ ଓ ସମ୍ପର୍କୀୟଙ୍କ ପାଇଁ ଥିବା ସୁପର ସ୍ପେଶିଆଲିଟି ବ୍ଲକ ସର୍ଜରି ବିଭାଗର ଲିଫ୍ଟ ଅଧ ଘଣ୍ଟା ପାଇଁ ଅଚଳ ହୋଇପଡ଼ି ଥିଲା। ଲିଫ୍ଟ ଭିତରେ ଥିବା ୧୦ ଜଣ ବ୍ୟକ୍ତି ଅଧଘଣ୍ଟା ଯାଏ ଫସି ଯାଇଥିଲେ। ପରେ ଉଦ୍ଧାର ହୋଇଥିଲେ। ମେଡିକାଲରେ ଥିବା ଆଉ ୩ଟି ଲିଫ୍ଟ ଗତ ୬ ମାସ ହେବ ଖରାପ ହୋଇ ପଡିରହିଛି। କାର୍ଯ୍ୟକ୍ଷମ ଥିବା ଏକମାତ୍ର ଲିଫ୍ଟରେ ଦିନକୁ ୧୦୦୦ ରୁ ଅଧିକ ରୋଗୀ ଓ ସମ୍ପର୍କୀୟ ବିଭିନ୍ନ ୱାର୍ଡକୁ ପ୍ରତିଦିନ ଯିବା ଆସିବା କରୁଛନ୍ତି। ହେଲେ ସୋମବାର ପୂର୍ବାହ୍ନ ୧୧ଟା ବେଳେ ୧୦ ଜଣ ବ୍ୟକ୍ତି ୪ର୍ଥ ମହଲାକୁ ଯାଉଥିବା ବେଳେ ୨ୟ ମହଲା ନିକଟରେ ଏହା ହଠାତ୍ ଅଚଳ ହୋଇଯାଇଥିଲା। ଅଧଘଣ୍ଟା ପରେ କୌଣସି ପ୍ରକାରେ ସେମାନଙ୍କୁ ବାହାରକୁ ଅଣାଯାଇଥିଲା। ଏନେଇ ଏମକେସିଜି ଅଧୀକ୍ଷକ ପ୍ରଫେସର ଡ଼. ସନ୍ତୋଷ କୁମାର ମିଶ୍ର କହିଛନ୍ତି, ମେଡିକାଲରେ ଥିବା ଲିଫ୍ଟଗୁଡିକର କାର୍ଯ୍ୟକ୍ଷମ ଓ ମରାମତି ପୂର୍ତ୍ତ ବିଭାଗ ଅଧୀନରେ ରହିଛି। କେତେକ ଲିଫ୍ଟ ଖରାପ ଥିବା ନେଇ ପୂର୍ତ୍ତ ବିଭାଗକୁ ପୂର୍ବରୁ ଅବଗତ କରାଯାଇଛି। ସୋମବାର କେତେକ ରୋଗୀ ସମ୍ପର୍କୀୟ ଲିଫ୍ଟରେ ଯାଉଥିବା ବେଳେ ତାହା ଅଚଳ ହୋଇପଡ଼ିଥିବା ଘଟଣା ମୋ ଦୃଷ୍ଟିକୁ ଆସିଛି। ଲିଫ୍ଟ ଅଚଳ ହେବା ଜଣାପଡିବାର କିଛି ସମୟ ମଧ୍ୟରେ ଅପରେଟର ପହଞ୍ଚି ସଜାଡିଥିଲେ। ଏହି ସମସ୍ୟାର ସମାଧାନ ପାଇଁ ପୂର୍ତ୍ତ ବିଭାଗକୁ ଜଣାଇ ଦିଆଯାଇଛି ବୋଲି ସେ କହିଛନ୍ତି।

## ସଂକ୍ଷେପରେ

### ଅବକାରୀ ଅଧିକାରୀଙ୍କ କୃତିତ୍ୱ
### ଜାତୀୟସ୍ତରୀୟ କ୍ରୀଡ଼ା କାର୍ଯ୍ୟକ୍ରମ

**ପାରଳାଖେମୁଣ୍ଡି:୧୫।୧୧(ଡି.ଏନ୍.ଏ.):** ଗଜପତି ଜିଲାର ଅବକାରୀ ଏଏସ୍‌ଆଇ ଜାତୀୟସ୍ତରୀୟ କ୍ରୀଡ଼ା କାର୍ଯ୍ୟକ୍ରମରେ କୃତିତ୍ୱ ହାସଲ କରିଛନ୍ତି। ଗତ ୧୧୦ରୁ ୧୪ ତାରିଖ ପର୍ଯ୍ୟନ୍ତ ମହାରାଷ୍ଟ୍ରର ପୁଣେଠାରେ ଅନୁଷ୍ଠିତ ହୋଇଥିବା ଏହି କ୍ରୀଡ଼ା କାର୍ଯ୍ୟକ୍ରମରେ ଓଡ଼ିଶାର ମୋଟ ୧୪ଜଣ ପ୍ରତିଯୋଗୀ ଭାଗ ନେଇଥିଲେ। ଏଥିରେ ଅବକାରୀ ଏଏସ୍‌ଆଇ କିଶୋରଚନ୍ଦ୍ର ରଥ ତୃତୀୟ ଦିବସରେ ଗୋଲ୍ଡ ମେଡାଲ ପାଉଥିବା ବେଳେ ଲଙ୍ଗଜମ୍ପରେ ରୋପ୍ୟ ପଦକ ପାଇଛନ୍ତି। ସୂଚନାଯୋଗ୍ୟ, ଏଏସ୍‌ଆଇ ପୂର୍ବରୁ ଜାତୀୟ ଓ ଅନ୍ତର୍ଜାତୀୟ ବିଭିନ୍ନ ପ୍ରତିଯୋଗିତାରେ ଭାଗନେଇ ଜିଲା ତଥା ଓଡ଼ିଶା ପାଇଁ ବହୁ କୃତିତ୍ୱ ହାସଲ କରିଛନ୍ତି । ତାଙ୍କର ଏହି ସଫଳତା ପାଇଁ ସବୁସ୍ତରରୁ ଅଭିନନ୍ଦନର ସୁଅ ଛୁଟିଛି।

### କାର୍- ବାଇକ୍ ଧକ୍କା, ଯୁବତୀ ମୃତ

**ଗୋପାଳପୁର,୧୫।୧୧(ଡି.ଏନ.ଏ.):** ଗୋଳନ୍ଥରା ଥାନାଞ୍ଚଳରେ ବାଇକ୍ ଓ କାର୍ ଧକ୍କାରେ ସୋମବାର ଜଣେ ଯୁବତୀଙ୍କ ମୃତ୍ୟୁ ଘଟିଥିବା ବେଳେ ଜଣେ ଯୁବକ ଗୁରୁତର ହୋଇଛନ୍ତି। ମୃତ ଯୁବତୀ ଜଣକ ହେଲେ ଜରଡ଼ା ଥାନା ଆମ୍ବପୁର ଗ୍ରାମର ଡିଲେଶ୍ୱରୀ ସେଠି ଓ ଗୁରୁତର ଯୁବକ ଜଣକ କେ.ନୂଆଗାଁ ଥାନା ଅଞ୍ଚଳର ବୋଲି ଜଣାପଡ଼ିଛି। ଆମ୍ବପୁର ଗ୍ରାମର ଡିଲେଶ୍ୱରୀ ଜଣେ ଯୁବକଙ୍କ ସହ ବାଇକ୍ ଯୋଗେ ସୋମବାର ଗୋଳନ୍ଥରା ଥାନା ଘଟେଶ୍ୱର ମନ୍ଦିରକୁ ଦର୍ଶନ ପାଇଁ ଆସିଥିଲେ। ସେଠାରୁ ଉଭୟେ ବ୍ରହ୍ମପୁର ଅଭିମୁଖେ ଯାଉଥିବା ବେଳେ କହ୍ନେଇପୁଟ ବୁଲାଣି ରାସ୍ତାରେ ଏକ କାର୍ ସହ ବାଇକ୍ ଧକ୍କା ହୋଇଥିଲା। ଫଳରେ ସେମାନେ ରାସ୍ତା କଡ଼ରେ ଛିଟିକି ହୋଇ ଗୁରୁତର ଆହତ ହୋଇଥିଲେ। ସ୍ଥାନୀୟ ଲୋକ ସେମାନଙ୍କୁ ଉଦ୍ଧାର କରି ବ୍ରହ୍ମପୁର ବଡ଼ ମେଡିକାଲରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ଡିଲେଶ୍ୱରୀଙ୍କୁ ମୃତ୍ୟୁ ଘୋଷଣା କରିଥିଲେ। ଗୋଳନ୍ଥରା ଥାନା ପୋଲିସ ପହଞ୍ଚି ଦୁର୍ଘଟଣାଗ୍ରସ୍ତ କାର୍ ଓ ବାଇକ୍‌କୁ ଜବତ କରିଛି। ଏ ନେଇ ଥାନାରେ କୌଣସି ମାମଲା ରୁଜୁ ହୋଇନାହିଁ।

### ପୂର୍ବତନ ନାଏବ ସରପଞ୍ଚଙ୍କ ପରଲୋକ

**ଧରାକୋଟ,୧୫।୧୧(ଡି.ଏନ୍.ଏ.):** ଧରାକୋଟ ଗ୍ରାମପଞ୍ଚାୟତର ପୂର୍ବତନ ନାଏବ ସରପଞ୍ଚ ଶ୍ୟାମସୁନ୍ଦର ଦାସ(୭୦)ଙ୍କର ପରଲୋକ ହୋଇଯାଇଛି। ସେ ସ୍ୱର୍ଗତ ବ୍ରଜବନ୍ଧୁ ଦାସଙ୍କର ଦ୍ୱିତୀୟ ପୁତ୍ର ଥିଲେ। ଶ୍ୟାମସୁନ୍ଦର ବିଜୁବାବୁଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ରାଜନୈତିକ ଯାତ୍ରାରେ ସାମିଲ ହୋଇ ଧରାକୋଟ ଗଡର ପୂର୍ବତନ ରାଜା ସ୍ୱର୍ଗତ ଅନନ୍ତ ନାରାୟଣ ସିଂ ଦେଓଙ୍କ ନିକଟତର ହୋଇ ଧରାକୋଟ ପଞ୍ଚାୟତ ରାଜନୀତିରେ ପ୍ରଥମେ ୱାର୍ଡମେମ୍ବର ଓ ପରେ ନାଏବ ସରପଞ୍ଚ ରହିଥିଲେ। ମୃତ୍ୟୁଶଯ୍ୟା ନିକଟରେ ତାଙ୍କର ଦୁଇ ପୁଅ ଓ ଜଣେ ଝିଅ ଉପସ୍ଥିତ ରହିଥିଲେ। ତାଙ୍କ ବିୟୋଗରେ ପୂର୍ବତନ ସରପଞ୍ଚ ମୋଚିରାମ ଦାସ ଓ ଦିଲୀପ କୁମାର ସ୍ୱାଇଁ ପ୍ରମୁଖ ଶୋକ ପ୍ରକାଶ କରିଛନ୍ତି।

### ବର୍ଷାରେ ନିର୍ମାଣାଧୀନ ବାଉଁଶ ପୋଲ ଭାସିଗଲା



**ପୋଲସରା,୧୫।୧୧(ଡି.ଏନ.ଏ.):** ପୋଲସରା ବ୍ଲକର ଚଣ୍ଡିରାମଚନ୍ଦ୍ରପୁର ଗ୍ରାମବାସୀ ବର୍ଷ ବର୍ଷ ଧରି ଗମନାଗମନର ସୁବିଧା ପାଇଁ ବାଘୁଆ ନଦୀ ଉପରେ ବାଉଁଶ ପୋଲ ନିର୍ମାଣ କରି ଆସୁଥିଲେ। ହେଲେ ଗ୍ରାମ୍ୟ ଉନ୍ନୟନ ବିଭାଗର ବୈମାତୃକ ମନୋଭାବ ଯୋଗୁ ଗତ ସପ୍ତାହରେ ଚଣ୍ଡିରାମଚନ୍ଦ୍ରପୁର ଗ୍ରାମବାସୀ ଏକତ୍ରିତ ହୋଇ ବାଘୁଆ ନଦୀ ଉପରେ ଏକ ଅସ୍ଥାୟୀ ବାଉଁଶ ପୋଲ ନିର୍ମାଣ କରି ଯାତାୟାତ କରୁଥିଲେ। ହେଲେ ଗତ ୩ ଦିନ ଧରି ଲଘୁଚାପଜନିତ ଲଗାଣ ବର୍ଷାରେ ବାଘୁଆ ନଦୀରେ ବନ୍ୟାଜଳ ବୃଦ୍ଧି ହୋଇଥିଲା। ଫଳରେ ଗ୍ରାମବାସୀଙ୍କ ଦ୍ୱାରା ନିର୍ମାଣ ହୋଇଥିବା ବାଉଁଶ ପୋଲଟି ବନ୍ୟା ଜଳର ପ୍ରଖର ସ୍ରୋତରେ ଭାସିଗଲା। ଏଥିପାଇଁ ଚଣ୍ଡିରାମଚନ୍ଦ୍ରପୁରର ସମସ୍ତ ଗ୍ରାମବାସୀ ବର୍ତ୍ତମାନ ୬ କିଲୋମିଟର ରାସ୍ତା ବୁଲି ପୋଲସରା ସହରକୁ ଆସୁଥିବା ଜଣାପଡିଛି। ଏଥିପ୍ରତି ସରକାର ତୁରନ୍ତ ଦୃଷ୍ଟି ଦେବା ସହ ଗ୍ରାମ୍ୟ ଉନ୍ନୟନ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦିଅନ୍ତୁ। ଏଥିସହ ବାଘୁଆ ନଦୀ ଉପରେ ସ୍ଥାୟୀ ବ୍ରିଜ୍ ନିର୍ମାଣ ପାଇଁ ଗ୍ରାମବାସୀ ଦାବି କରିଛନ୍ତି।

# ଦୁଇଭାଇଙ୍କ ୩ ଦିନିଆ ରିମାଣ୍ଡ ମଞ୍ଜୁର

## ପୂର୍ବତନ ସରପଞ୍ଚ ହତ୍ୟା ମାମଲା

ବ୍ରହ୍ମପୁର ଅଫିସ,୧୫।୧୧

ଗଞ୍ଜାମ ଜିଲା କୁକୁଡ଼ାଖଣ୍ଡି ବ୍ଲକ ଅନନ୍ତେଇ ଗ୍ରାମର ପୂର୍ବତନ ସରପଞ୍ଚ ପ୍ରଦୀପ ବିଷୋୟୀ ହତ୍ୟା ମାମଲାରେ ପୋଲିସ ଜଣେ ନାବାଳକଙ୍କୁ ଧରିବା ସହ ୫ ଜଣଙ୍କୁ ଗିରଫ କରି ରବିବାର କୋର୍ଟ ଚାଲାଣ କରିଛି। ସେହିପରି ନାବାଳକଙ୍କୁ ଜେଜେବିରେ ହାଜର କରାଯାଇଥିଲା। ଗିରଫ ଅଭିଯୁକ୍ତମାନେ ହେଲେ ଦିଗପହଣ୍ଡି ଥାନା ବନ୍ଧପଲ୍ଲୀ ଗ୍ରାମର ଜୟସେନ ସ୍ୱାଇଁ, ସାଗର ଗଙ୍ଗା ସ୍ୱାଇଁ ଓରଫ୍ ସାଗର, ମିଥୁନ କୁମାର ସ୍ୱାଇଁ, ନନ୍ଦନ ବେହେରା, କାହ୍ନୁ ବିଷୋୟୀ ଓରଫ୍ ଋଷି। ଜୟସେନ ଏହି ହତ୍ୟାକାଣ୍ଡ ପାଇଁ ବ୍ଲୁ-ପ୍ରିଣ୍ଟ ପ୍ରସ୍ତୁତ କରିଥିଲେ। ଏଥିରେ ତାଙ୍କ ଭାଇ ମିଥୁନ ଭୁବନେଶ୍ୱରରେ ରହି ଅପରାଧୀଙ୍କୁ ଫେରାର୍ କରାଇବାରେ ସହଯୋଗ କରିଥିଲା। ସେହିପରି ଏହି ହତ୍ୟାକାଣ୍ଡ ପଛରେ ଆଉ କିଛି ଅଭିଯୁକ୍ତଙ୍କ ହାତ ଥିବା ନେଇ ପୋଲିସ ପ୍ରମାଣ ପାଇଛି। ଏଣୁ ସେ ଦିଗରେ ଅଧିକ ତଥ୍ୟ ସଂଗ୍ରହ କରିବାକୁ ଦୁଇଭାଇ ଜୟସେନ ଓ ମିଥୁନଙ୍କୁ ୭ ଦିନିଆ ରିମାଣ୍ଡରେ ନେବା ପାଇଁ ବଡବଜାର ପୋଲିସ କୋର୍ଟରେ ଆବେଦନ କରିଥିଲା। କିନ୍ତୁ ଏସ୍‌ଡିଜେଏମ୍ ୩ଦିନିଆ ରିମାଣ୍ଡ ମଞ୍ଜୁର କରିଛନ୍ତି। ମଙ୍ଗଳବାର ବଡ଼ବଜାର ଥାନା ପୋଲିସ ଉଭୟଙ୍କୁ ନିଜ ହେପାଜତକୁ ନେବ। ଏହା ପରେ ୧୯ତାରିଖରେ ସେମାନଙ୍କୁ ପୁଣିଥରେ କୋର୍ଟରେ ହାଜରକରି ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯିବ ବୋଲି ଜଣାପଡ଼ିଛି।

# ବାଇକ୍ ଚୋରି ର୍‍ୟାକେଟର ୭ ଗିରଫ

## ୨ ସ୍କୁଟି, ୧୭ ବାଇକ୍ ଜବତ

ଭଞ୍ଜନଗର/ବୁଗୁଡ଼ା, ୧୫।୧୧(ଡି.ଏନ.ଏ)



ଜବତ ଗାଡ଼ି ସହ ଗିରଫ ଅଭିଯୁକ୍ତମାନେ ।

ଭଞ୍ଜନଗର ଉପଖଣ୍ଡ ଅଧୀନ ଭଞ୍ଜନଗର, ବେଲଗୁଣ୍ଠା ଏବଂ ବୁଗୁଡ଼ା ପୋଲିସକୁ ନେଇ ଗଠିତ ସ୍ୱତନ୍ତ୍ର ଟିମ୍ ସୋମବାର ଏକ ଆନ୍ତଃ ଜିଲା ବାଇକ୍ ଲୁଟେରା ଦଳକୁ କାବୁ କରିଛି । ପୋଲିସ ଏହି ର୍‍ୟାକେଟର ୭ଜଣଙ୍କୁ ଗିରଫ କରିଛି। ସେମାନଙ୍କ ଠାରୁ ୧୭ଟି ବାଇକ୍ ଓ ୨ଟି ସ୍କୁଟି ଜବତ କରାଯାଇଛି । ଏହି ଘଟଣାରେ ଆହୁରି ଅନେକ ବ୍ୟକ୍ତି ସମ୍ପୃକ୍ତ ଅଛନ୍ତି। ଗିରଫ ଅଭିଯୁକ୍ତମାନେ ଗଞ୍ଜାମ, କନ୍ଧମାଳ ଓ ରାୟଗଡ଼ା ଜିଲାର ବିଭିନ୍ନ ଥାନା ଅଞ୍ଚଳର ଏକାଧିକ ମାମଲାରେ ଜଡ଼ିତ ରହିଛନ୍ତି। ସେମାନଙ୍କୁ ଗିରଫ ପାଇଁ ଚେଷ୍ଟା ଚାଲିଛି। ଭଞ୍ଜନଗର ଥାନାରେ ସୋମବାର ଆୟୋଜିତ ଖବରଦାତା ସମ୍ମିଳନୀରେ ଗଞ୍ଜାମ ଏଏସ୍‌ପି ବି.କେ.ମଲ୍ଲିକ ଏହି ସୂଚନା ଦେଇଛନ୍ତି ।

ଗତ ୩ ତାରିଖରେ ତନରଡ଼ାର ସନିଆ ମଲ୍ଲିକଙ୍କ ବାଇକ୍ ବେଲଗୁଣ୍ଠା ରୋଡ଼ ଝାଙ୍କେରେଇ ମନ୍ଦିର ନିକଟରୁ ଚୋରି ହୋଇଥିଲା । ପୋଲିସ ବିଭିନ୍ନ ସ୍ଥାନରେ ଲାଗିଥିବା ସିସିଟିଭି ଫୁଟେଜକୁ ଆଧାର କରି ୨ ଅଭିଯୁକ୍ତ ବିଷ୍ଣୁଚକ୍ର ଅଜିତ ପଟ୍ଟନାୟକ ଓ ଭଞ୍ଜନଗର ପିଣ୍ଟୁ ମହାନ୍ତିଙ୍କୁ ଚିହ୍ନଟ କରିଥିଲା। ଅଭିଯୁକ୍ତମାନେ ଯେଉଁ ଗ୍ୟାରେଜ୍‌ରେ ଗାଡ଼ି ବିକ୍ରିକରିଥିଲେ ସେଠାର ଠିକଣା ପୋଲିସକୁ ଦେଇଥିଲେ। ପରେ ବିଭିନ୍ନ ଗ୍ୟାରେଜରୁ ୧୩ଟି ଗାଡ଼ି ଓ ଅଭିଯୁକ୍ତମାନଙ୍କ ପାଖରୁ ଅନ୍ୟ ୬ଟି ଗାଡ଼ି ଜବତ କରାଯାଇଥିଲା। ଅଭିଯୁକ୍ତମାନଙ୍କ ଠାରୁ ଗାଡ଼ି କିଣିଥିବା ଅଭିଯୋଗରେ ପୋଲିସ ଚିରିକିପଡ଼ାର ବିଭୂତି ଚରଣ ପଟ୍ଟନାୟକ, ଗୋଲିଆର ମନୋଜ ପ୍ରଧାନ, ପ୍ରଶାନ୍ତ ବାଡ଼ତ୍ୟା, କୁଶପଲ୍ଲୀର ସନ୍ତୋଷ ଗୌଡ଼ ଓ ବେଣାକୁନ୍ଦାର ବାପି ବିଷୋୟୀଙ୍କୁ ଗିରଫ କରାଯାଇଥିବା ଏଏସ୍‌ପି ମଲ୍ଲିକ ସୂଚନା ଦେଇଛନ୍ତି। ଖବରଦାତା ସମ୍ମିଳନୀରେ ଭଞ୍ଜନଗର ଏସ୍‌ଡିପିଓ ଶୁଭ୍ରାଂଶୁ ମିଶ୍ର, ଥାନା ଅଧିକାରୀ ସୁଦିପ୍ତ ସାହୁ, ବେଲଗୁଣ୍ଠା ଥାନା ଅଧିକାରୀ ପ୍ରକାଶ ସାହୁ ଏବଂ ବୁଗୁଡ଼ା ଥାନା ଅଧିକାରୀ ଚିତରଞ୍ଜନ ବେହେରା ପ୍ରମୁଖ ଉପସ୍ଥିତ ଥିଲେ ।

# ଦାରିଙ୍ଗବାଡ଼ିକୁ ୫ ସ୍ୱର୍ଣ୍ଣ ପଦକ

## ରାଜ୍ୟସ୍ତରୀୟ ଜୁଡୋ ପ୍ରତିଯୋଗିତା



ପ୍ରତିଯୋଗିତାରେ ବିଭିନ୍ନ ପଦକ ହାସଲ କରିଥିବା ପ୍ରତିଯୋଗୀ।

ଦାରିଙ୍ଗବାଡ଼ି,୧୫।୧୧(ଡି.ଏନ.ଏ.)

କନ୍ଧମାଳ ଜିଲା ଦାରିଙ୍ଗବାଡ଼ି ବ୍ଲକର ୧୫ ବର୍ଷରୁ କମ୍ ଛାତ୍ରୀଛାତ୍ର ରାଜ୍ୟସ୍ତରୀୟ ଜୁଡ଼ୋ ତାଲିମ ଶିବିର ଏବଂ ପ୍ରତିଯୋଗିତାରେ ଅଂଶଗ୍ରହଣ କରି ସଫଳତା ପାଇଛନ୍ତି। ଏଥିରେ ୫ଜଣ ଛାତ୍ରୀଛାତ୍ରଙ୍କୁ ସ୍ୱର୍ଣ୍ଣ ପଦକ ମିଳିଥିବାବେଳେ ଜଣେ ରୌପ୍ୟ ପାଇଥିବା ଜୁଡୋ ପ୍ରଶିକ୍ଷକ ଦାରାସିଂ ପରିଚ୍ଛା କହିଛନ୍ତି। ଶୁକ୍ରବାରଠାରୁ ରବିବାର ୩ଦିନ ଧରି ରାଜ୍ୟସ୍ତରୀୟ ଏହି ଶିବିର କଟକ ଦୋଳମଣ୍ଡପସ୍ଥିତ ବାବା ସାଗର ଦାସ ବିଦ୍ୟାପୀଠ ପରିସରରେ ଆୟୋଜିତ ହୋଇଥିଲା। ଜାତୀୟସ୍ତରର ଜୁଡୋ ଆସୋସିଏଶନର ଅଧ୍ୟକ୍ଷ ତଥା ବଲିଉଡ ଷ୍ଟାର ଅକ୍ଷୟ କୁମାରଙ୍କ ନିର୍ଦ୍ଦେଶ କ୍ରମେ ଜାତୀୟସ୍ତରର ପ୍ରଶିକ୍ଷକ ବିପୁଲ ସୁରୁ ଏହି କାର୍ଯ୍ୟକ୍ରମରେ ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ପ୍ରଶିକ୍ଷଣ ପ୍ରଦାନ କରିଥିଲେ। ଏଥିରେ ବିଭିନ୍ନ ଜିଲାରୁ ଛାତ୍ରୀଛାତ୍ର ଯୋଗଦାନ କରିଥିବା ବେଳେ ପ୍ରଥମ ଥର ପାଇଁ କନ୍ଧମାଳ ଜିଲା ଦାରିଙ୍ଗବାଡ଼ିରୁ ୬ଜଣ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ସେମାନଙ୍କ ମଧ୍ୟରେ ୮ବର୍ଷର ଛାତ୍ରୀ ଅନିଶା ପ୍ରଧାନଙ୍କ ସମେତ ୧୨ ବର୍ଷର ଛାତ୍ରୀ ତପସ୍ୱିନୀ ପ୍ରଧାନ, ଆର୍ଯ୍ୟମାନ ପରିଚ୍ଛା(୧୪), ଆୟୁଷ୍ମାନ ସାହୁ (୧୨) ବିଭୀଷଣ ଦଣ୍ଡସେନା (୧୨) ପ୍ରମୁଖ ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି। ସେହିପରି ସମ୍ପିତ କୁମାର ବିଶିମାଝୀ ରୌପ୍ୟ ପାଇଛନ୍ତି । ଜୁଡୋ ପ୍ରଶିକ୍ଷକ ଦାରାସିଂ ପରିଚ୍ଛା ମଧ୍ୟ ଜୁଡୋ ତାଲିମ ନେବା ସହ ପରୀକ୍ଷା ଦେଇ ସେ ଦ୍ୱିତୀୟ ଦାନ୍ ବ୍ଲାକବେଲ୍ଟ ହାସଲ କରିଛନ୍ତି।

# ନେହେରୁ ଯୁବକେନ୍ଦ୍ରର ପ୍ରତିଷ୍ଠା ଦିବସ

ଫୁଲବାଣୀ ଅଫିସ, ୧୫।୧୧

ନେହେରୁ ଯୁବ କେନ୍ଦ୍ରର ପ୍ରତିଷ୍ଠା ଦିବସ ଫୁଲବାଣୀସ୍ଥିତ ଜିଲା କ୍ରୀଡା କାର୍ଯ୍ୟାଳୟରେ ରବିବାର ଅନୁଷ୍ଠିତ ହୋଇଯାଇଛି। ଏଥିସହ ହାପି ନେସ ୟୁଥ କ୍ଲବ ସହଯୋଗରେ ବ୍ଲକସ୍ତରୀୟ ବକ୍ତୃତା ପ୍ରତିଯୋଗିତା ହୋଇଛି। ମୁଖ୍ୟଅତିଥି ଭାବେ ଅବସରପ୍ରାପ୍ତ ସ୍ୱାସ୍ଥ୍ୟ ବିଭାଗ ଅଧିକାରୀ ଡ. ଅନନ୍ତ ଚରଣ ମିଶ୍ର ଯୋଗଦେଇ ଏହି କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ । ସମ୍ମାନିତ ଅତିଥି ଭାବେ ଜିଲା କ୍ରୀଡା ଅଧିକାରୀ ଜିତେନ୍ଦ୍ର କୁମାର ମହାକୁଡ, ତୀରନ୍ଦାଜ ପ୍ରଶିକ୍ଷକ ଆଶାରାମ ହାଁସଦା, ସାମାଜିକ କର୍ମୀ ଫକୀର ତ୍ରିପାଠି, ନେହେରୁ ଯୁବ କେନ୍ଦ୍ରର ସତ୍ୟବାନ ଦଳ ବେହେରା ପ୍ରମୁଖ ଯୋଗଦେଇ ନେହେରୁ ଯୁବ କେନ୍ଦ୍ର ପ୍ରତିଷ୍ଠାର ଉଦ୍ଦେଶ୍ୟ ଉପରେ ଆଲୋଚନା କରିଥିଲେ । ଏହି ଅବସରରେ ଯୁବତୀ ଯୁବକଙ୍କ ମଧ୍ୟରେ ବକ୍ତୃତା ପ୍ରତିଯୋଗିତା ହୋଇଥିଲା । ଏଥିରେ ଜି.ରୋହିତ କୁମାର ପ୍ରଥମ, ସାରଦା ପ୍ରସନ୍ନ ବୋଷ ଦ୍ୱିତୀୟ ଓ ଡେଭଲିନ ପ୍ରିୟଦର୍ଶନୀ ତୃତୀୟ ସ୍ଥାନ ଅଧିକାର କରିଥିଲେ। ସେମାନଙ୍କୁ ଟ୍ରଫି ଓ ପ୍ରମାଣପତ୍ର ଦିଆଯାଇଥିଲା । ହାପିନେସ ୟୁଥ୍ କ୍ଲବ ସଭାପତି ସୋନାଲି ଦିଗାଲ ଧନ୍ୟବାଦ ଦେଇଥିଲେ ।

# ୬ଷ୍ଠ, ୭ମ ଶ୍ରେଣୀ ଶିକ୍ଷାଦାନ ଆରମ୍ଭ

ବ୍ରହ୍ମପୁର ଅଫିସ,୧୫।୧୧

ଗଣଶିକ୍ଷା ବିଭାଗ ନିର୍ଦ୍ଦେଶ କ୍ରମେ ସୋମବାର ଠାରୁ ବିଭିନ୍ନ ସ୍କୁଲରେ ୬ଷ୍ଠ ଓ ସପ୍ତମ ଶ୍ରେଣୀ ଶିକ୍ଷାଦାନ ଆରମ୍ଭ ହେବ। ଦୀର୍ଘ ୨ ବର୍ଷ ଧରି କରୋନା ଯୋଗୁ ଛାତ୍ରୀଛାତ୍ରଙ୍କ ଶ୍ରେଣୀ ଗୃହ ଶିକ୍ଷାଦାନ ବନ୍ଦ ରହିଥିଲା। ରାଜ୍ୟ କରୋନା ସଂକ୍ରମଣ ନିୟନ୍ତ୍ରଣକୁ ଆସିବା ପରେ ପ୍ରଥମ ପର୍ଯ୍ୟାୟରେ ଯୁକ୍ତ ୨ ଦ୍ୱିତୀୟ ବର୍ଷ ଓ ନବମ, ଦଶମ, ଦ୍ୱିତୀୟ ପର୍ଯ୍ୟାୟରେ ଅଷ୍ଟମ ଓ ମହାବିଦ୍ୟାଳୟ ପାଠ୍ୟକ୍ରମ ଆରମ୍ଭ ହୋଇଥିବା ବେଳେ ବର୍ତ୍ତମାନ ତୃତୀୟ ପର୍ଯ୍ୟାୟରେ ଷଷ୍ଠ ଓ ସପ୍ତମ ଶ୍ରେଣୀ ଶିକ୍ଷାଦାନ ଆରମ୍ଭ ହେବ। କରୋନା ସମୟରେ ଘରେ ରହିଛାତ୍ରୀଛାତ୍ର ଫୋନ୍‌ରେ ଅନ୍‌ଲାଇନ୍ ଡିଜିଟାଲ ସେବା ମାଧ୍ୟମରେ ଶିକ୍ଷା ଲାଭ କରୁଥିଲେ। ତେବେ ଡିଜିଟାଲ ପାଠପଢ଼ା ସମୟରେ ବିଭିନ୍ନ ସମସ୍ୟା ହେଉଥିବା ଅଭିଯୋଗ ହୋଇଥିଲା। ଶ୍ରେଣୀ ଶିକ୍ଷାଦାନ ଆରମ୍ଭ ହେଉଥିବାରୁ ଛାତ୍ରୀଛାତ୍ର ଓ ଅଭିଭାବକ ଉତ୍ସାହିତ ଥିବା ଜଣାପଡ଼ିଛି।

## ସେମାନେ ଯାହା କୁହନ୍ତି...



"୨ବର୍ଷ ହେବ ବିଦ୍ୟାଳୟ ବନ୍ଦ ଥିବାରୁ ପିଲାମାନଙ୍କ ଭିତରେ ପ୍ରତିଯୋଗିତା ମୂଳକ ପାଠପଢ଼ା ବନ୍ଦ ହୋଇଯାଇଥିଲା। ସ୍କୁଲ ଖୋଲିବା ପରେ ପାଠପଢ଼ା ସହ କ୍ରୀଡ଼ା, ସାଂସ୍କୃତିକ ଓ ତର୍କ ପ୍ରତ୍ୟେକ କ୍ଷେତ୍ରରେ ଛାତ୍ରୀଛାତ୍ରଙ୍କ ବହୁ ବିକାଶ ହେବ।

**- ସୁଜାତା ପାତ୍ର, ଅଭିଭାବକ, ବ୍ରହ୍ମପୁର**



"ପୂର୍ବରୁ ଅନ୍‌ଲାଇନ୍ କ୍ଲାସ ଯୋଗୁ ପାଠ ପଢ଼ିବାରେ ବହୁ ସମସ୍ୟା ସୃଷ୍ଟି ହେଉଥିଲା। ନେଟୱର୍କ ସମସ୍ୟା ସହ ଏକାଗ୍ରତା ଭଙ୍ଗ ହେଉଥିଲା। ବର୍ତ୍ତମାନ ସ୍କୁଲ ସମୟରେ ଯାଇ ପାଠ ପଢ଼ିବା ଏବଂ ନିଜ ସହପାଠୀଙ୍କ ସହ ମିଶିବାକୁ ସୁଯୋଗ ମିଳିବ।

**- ଲିପ୍ସା ରାଣୀ ପ୍ରହରାଜ, ୬ଷ୍ଠ ଶ୍ରେଣୀ, ଭିଭିଗିରି ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ।**



"ପାଠପଢ଼ା ନିମନ୍ତେ ଶିକ୍ଷା ବିଭାଗ ପକ୍ଷରୁ ଆସିଥିବା ଗାଇଡ୍‌ଲାଇନ ଅନୁସାରେ ଅଭିଭାବକଙ୍କୁ ପୂର୍ବରୁ ଅବଗତ କରାଯାଇଛି। ମଙ୍ଗଳବାରଠାରୁ ପୂର୍ବାହ୍ନ ୯ ଟାରୁ ୧୨.୩୦ ପର୍ଯ୍ୟନ୍ତ କରୋନା ଗାଇଡ୍‌ଲାଇନ ଅନୁସାରେ ପାଠପଢ଼ା ହେବ। ଏହା ସହିତ ପୂର୍ବ ପାଠର ପୁନରାବୃତ୍ତି ହେବ ।

**- ଆରତୀବାଳା ପଟ୍ଟନାୟକ, ପ୍ରଧାନ ଶିକ୍ଷୟିତ୍ରୀ, ଭିଭିଗିରି ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ**



"ଦୀର୍ଘ ଦିନ ପରେ ଘରୁ ସ୍କୁଲ ଆସିବାକୁ ମିଳିବ। ଶ୍ରେଣୀ ଶିକ୍ଷାଦାନ ସର୍ବୋତ୍କୃଷ୍ଟ। ଏହା ଦ୍ୱାରା ପାଠ ସହଜରେ ବୁଝିହେବ।

**- ଚନ୍ଦନ ସାହୁ, ୬ଷ୍ଠ ଶ୍ରେଣୀ ଛାତ୍ର, କୁଇନ ମିଶନ ହାଇସ୍କୁଲ**

# ମୃତଦେହ ବ୍ୟବଚ୍ଛେଦରେ ବିଳମ୍ବ, ଉତ୍ତେଜନା

ରାଇକିଆ,୧୫।୧୧(ଡି.ଏନ୍.ଏ.)



କନ୍ଧମାଳ ଜିଲା ରାଇକିଆ ଗୋଷ୍ଠୀ କେନ୍ଦ୍ରରେ ମୃତଦେହ ବ୍ୟବଚ୍ଛେଦ ପାଇଁ ଆବଶ୍ୟକ କର୍ମଚାରୀ ନାହାନ୍ତି। ଦୀର୍ଘ ସମୟ ବ୍ୟବଚ୍ଛେଦ ଗୃହରେ ମୃତଦେହ ପଡ଼ି ରହୁଥିବାରୁ ମୃତକଙ୍କ ସମ୍ପର୍କୀୟମାନେ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ବାକିଙ୍ଗିଆ ନିକଟରେ ବାଇକ ଦୁର୍ଘଟଣାରେ ଦୁଇ ଜଣଙ୍କର ମୃତ୍ୟୁ ଘଟିଥିଲା। ଅପରାହ୍ନ ପ୍ରାୟ ସାଢ଼େ ୩ଟାରୁ ସୋମବାର ପୂର୍ବାହ୍ନ ୧୧ଟା ପର୍ଯ୍ୟନ୍ତ ମେଡିକାଲରେ ମୃତଦେହ ବ୍ୟବଚ୍ଛେଦ ନ ହୋଇ ପଡ଼ି ରହିଥିଲା। ଏହାକୁ ଉତ୍ତେଜନା ପ୍ରକାଶ ପାଇଥିଲା। ପରେ ବାଲିଗୁଡାରୁ କର୍ମଚାରୀ ଆସିବା ପରେ ବ୍ୟବଚ୍ଛେଦ କରଯାଇଥିଲା। ଏଠାରେ ବ୍ୟବଚ୍ଛେଦ ଗୃହ ଥିଲେ ମଧ୍ୟ କର୍ମଚାରୀ ଅଭାବରୁ ଏପରି ଅସୁବିଧା ଦେଖାଦେଉଛି ।

# ଗୋପାଳପୁରରେ ବିଜେଡିର ଜୋନ୍‌ସ୍ତରୀୟ ବୈଠକ

- ଦଳର ଯୁବ-ଛାତ୍ରଙ୍କୁ ଅଧିକ ଗୁରୁତ୍ୱ
- ଅଞ୍ଚଳ ନେତା, କର୍ମୀଙ୍କ ଅସନ୍ତୋଷ

ବ୍ରହ୍ମପୁର ଅଫିସ,୧୫।୧୧

ଗଞ୍ଜାମ ଜିଲା ଗୋପାଳପୁର ନିର୍ବାଚନମଣ୍ଡଳୀକୁ ପୁନର୍ବାର ଦଖଲ କରିବା ପାଇଁ ଶାସକ ବିଜେଡି ଉଦ୍ୟମ ଚଳାଇଛି। ସେଠାରୁ ୨୦୦୯ ରୁ ୨୦୧୯ ମଧ୍ୟରେ ହୋଇଥିବା ସାଧାରଣ ନିର୍ବାଚନରେ ପ୍ରଦୀପ ପାଣିଗ୍ରାହୀ ଲଗାତର ୩ ଥର ବିଜେଡି ବିଧାୟକ ଭାବେ ନିର୍ବାଚିତ ହୋଇ ହାଟ୍ରିକ ଅର୍ଜନ କରିଥିଲେ। ବିଭିନ୍ନ କାରଣ ଦର୍ଶାଇ ୨୦୨୦ ନଭେମ୍ବର ଶେଷ ଭାଗରେ ବିଜେଡି ତାଙ୍କୁ ଦଳରୁ ବହିଷ୍କାର କରିଛି। ବିକଳ୍ପ ବ୍ୟବସ୍ଥାରେ ଗୋପାଳପୁରରେ ବିଜେଡି କାହାକୁ ପ୍ରୋଜେକ୍ଟ କରିବ ତାହା ଅସ୍ପଷ୍ଟ ରହିଛି। ଅପରପକ୍ଷରେ ୨ ମାସ ପରେ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ହେବାକୁ ଯାଉଛି। ପୂର୍ବ ଭଳି ସଫଳତା ପାଇଁ ପ୍ରୟାସ ସାଙ୍ଗକୁ ନୂଆ ରଣନୀତି ଆରମ୍ଭ କରି ଦେଇଛି ବିଜେଡି। ଗୋପାଳପୁର ବିଧାନସଭା କ୍ଷେତ୍ରରେ ସମସ୍ତ ରାଜନୀତି ଦାୟିତ୍ୱ ମୁଖ୍ୟମନ୍ତ୍ରୀଙ୍କ ରାଜନୈତିକ ସଚିବ ଗୋପବନ୍ଧୁ ଦାଶଙ୍କୁ ଦିଆଯାଇଛି। ଜିଲା ଓ ସମ୍ପୃକ୍ତ ଅଞ୍ଚଳରେ ଦଳର ପୁରୁଖା ନେତା ଓ କର୍ମୀ ଥିବା ସତ୍ତ୍ୱେ ଜଣେ ଅବସରପ୍ରାପ୍ତ ସରକାରୀ ଅଧିକାରୀଙ୍କୁ ବିଜେଡି ପକ୍ଷରୁ ଦାୟିତ୍ୱ ଦିଆଯାଇଥିବାରୁ କେହି ଖୋଲା ବିରୋଧ କରୁନଥିଲେ ମଧ୍ୟ କର୍ମୀ ମହଲରେ ଅସନ୍ତୋଷ ଦେଖାଦେଇଛି। ଗୋପବନ୍ଧୁ ଘନଘନ ଗୋପାଳପୁର ଆସୁଛନ୍ତି। ସେଠାର ଦଳୀୟ ସ୍ଥିତି ଅନୁଧ୍ୟାନ ସହ ଜିଲା ପରିଷଦ ଜୋନ୍‌ସ୍ତରୀୟ ବୈଠକ କରୁଛନ୍ତି। ଯୁବ ଓ ଛାତ୍ର ବିଜେଡି ନେତା ଓ କର୍ମୀଙ୍କୁ ମନ୍ତ୍ର ଦେଉଛନ୍ତି। ନିର୍ବାଚନ ମଣ୍ଡଳୀର ୪ ଜିଲା ପରିଷଦ ଜୋନ୍‌ରୁ କୁକୁଡ଼ାଖଣ୍ଡି ବ୍ଲକର ଗୋଟିଏ ଓ ରଙ୍ଗେଇଲୁଣ୍ଡା ବ୍ଲକରେ ୩ଟି ରହିଛି।

୨୦୧୭ ପଞ୍ଚାୟତ ନିର୍ବାଚନରେ ବିଜେଡି ଓ ଭାଜପାରୁ ୨ ଜଣ ଲେଖାଏଁ ନିର୍ବାଚିତ ହୋଇଥିଲେ। ଆଗାମୀ ନିର୍ବାଚନରେ ୪ଟି ଯାକ ଜୋନ୍ ଦଖଲ ପାଇଁ ବିଜେଡି ଲକ୍ଷ୍ୟ ରଖିଛି। ତେଣୁ ଗୋପବନ୍ଧୁ ପ୍ରଥମେ ୫୩ ପରେ ୫୪ ଓ ଗତ ଶନିବାର ୫୫ନଂ. ଜୋନ୍‌ସ୍ତରୀୟ ବୈଠକ କରିଥିଲେ। ଯୁବ ଓ ଛାତ୍ର ବିଜେଡି କର୍ମକର୍ତ୍ତାଙ୍କୁ ସେ ଗୁରୁତ୍ୱ ଦେଇଥିଲେ। ଏହା ପୂର୍ବରୁ କୁକୁଡ଼ାଖଣ୍ଡି ବ୍ଲକ ଅନ୍ତର୍ଗତ ୧୦ନଂ. ଜିଲା ପରିଷଦ ଜୋନ୍‌ର ସମୀକ୍ଷା ବୈଠକ କରିଥିଲେ। ଜୋନ୍‌ସ୍ତରୀୟ ବୈଠକ ନେଇ ରାଜନୈତିକ ଚର୍ଚ୍ଚା ଆରମ୍ଭ ହୋଇଛି। ଯୁବ ଓ ଛାତ୍ର ନେତା ଓ କର୍ମୀଙ୍କ ଉପରେ ବିଜେଡି ଭରସା କରିଥିବା ବିରୋଧୀ ଦଳ ପକ୍ଷରୁ ତାଚ୍ଛଲ୍ୟ କରାଯାଇଛି। ଦଳର ନେତା ଓ କର୍ମୀଙ୍କ ପରିବର୍ତ୍ତେ ଯୁବ ଓ ଛାତ୍ରଙ୍କ ଦ୍ୱାରା ପଞ୍ଚାୟତ ନିର୍ବାଚନରେ ବିଜେଡି କେତେ ସଫଳତା ପାଇବ ସେଥିପାଇଁ ରାଜନୈତିକ ସମୀକ୍ଷକଙ୍କ ପକ୍ଷରୁ ତୀକ୍ଷ୍ଣ ନଜର ରଖାଯାଇଛି।

# ବିଏମ୍‌ସିର ୩, ପାତ୍ରପୁରରେ ଜଣେ ଡେଙ୍ଗୁ ରୋଗୀ ଚିହ୍ନଟ

ବ୍ରହ୍ମପୁର ଅଫିସ,୧୫।୧୧

ଗଞ୍ଜାମ ଜିଲାରେ ଡେଙ୍ଗୁ ସ୍ଥିତି ଅସମ୍ଭାଳ ହୋଇ ପଡ଼ିଲାଣି। ଜିଲାର ବିଭିନ୍ନ ବ୍ଲକ ଓ ବ୍ରହ୍ମପୁର ମହାନଗର ନିଗମ (ବିଏମ୍‌ସି)ରେ ପ୍ରତିଦିନ ପଜିଟିଭ ଚିହ୍ନଟ ହେଉଛନ୍ତି। ପୁଣିଥରେ ରବିବାର ୪ଜଣ ପଜିଟିଭ ଚିହ୍ନଟ ହୋଇଛନ୍ତି। ଫଳରେ ଜିଲାରେ ମୋଟ ଡେଙ୍ଗୁ ରୋଗୀଙ୍କ ସଂଖ୍ୟା ଏବେ ୨୬୩ରେ ପହଞ୍ଚିଛି। ଡେଙ୍ଗୁ ଚିହ୍ନଟ ହେଉଥିବା ଅଞ୍ଚଳକୁ ସ୍ୱାସ୍ଥ୍ୟ ବିଭାଗର ଟିମ୍ ଯାଇ ଲାର୍ଭା ଚିହ୍ନଟ କରି ତାହା ନଷ୍ଟ ସହ ଲୋକଙ୍କୁ ସଚେତନ ମଧ୍ୟ କରୁଛି । ଏହା ସତ୍ତ୍ୱେ ମଧ୍ୟ ଡେଙ୍ଗୁ ଦିନକୁ ଦିନ ବଢ଼ିବାରେ ଲାଗିଛି।

# ଗଞ୍ଜାମ ଟିମ୍‌କୁ ଧନ୍ୟବାଦ ଦେଲେ ଜିଲାପାଳ

## ଓଡ଼ିଶାକୁ ସ୍କଚ୍ ଆୱାର୍ଡ

ଛତ୍ରପୁର,୧୫।୧୧(ଡି.ଏନ.ଏ.)

ଗଞ୍ଜାମ ଜିଲାର ନିର୍ଭୟ କଢି କାର୍ଯ୍ୟକ୍ରମ ମାଧ୍ୟମରେ ବାଲ୍ୟବିବାହ ମୁକ୍ତ ଅଭିଯାନ ଓଡିଶା ପାଇଁ ସଫଳତା ଆଣିଛି। ଓଡିଶା ମହିଳା ଓ ଶିଶୁ ବିକାଶ ବିଭାଗ ଜାତୀୟସ୍ତରରେ ସ୍କଚ ସ୍ୱର୍ଣ୍ଣ ଆୱାର୍ଡ ପାଇଛି। ଗଞ୍ଜାମରେ ବାଲ୍ୟ ବିବାହ ସମ୍ପୂର୍ଣ୍ଣ ଭାବେ ରୋକିବାକୁ ଗଞ୍ଜାମ ଜିଲାପାଳ ବିଜୟ ଅମୃତା କୁଲାଙ୍ଗେଙ୍କ ନିଜସ୍ୱ ଉଦ୍ୟମରେ ଗତ ଦୁଇ ବର୍ଷ ହେଲା ନିର୍ଭୟ କଢି କାର୍ଯ୍ୟକ୍ରମ ଚାଲିଛି । ଏହାଦ୍ୱାରା ରାଜ୍ୟ ସଫଳତା ପାଇଥିବାରୁ ଗଞ୍ଜାମ ଜିଲା ଟିମର ସମସ୍ତ ସଦସ୍ୟଙ୍କୁ ଜିଲାପାଳ ଧନ୍ୟବାଦ ଜଣାଇବା ସହ ଏହି ଉଲ୍ଲେଖନୀୟ କାର୍ଯ୍ୟ ଜାରି ରଖିବାକୁ ଟୁଇଟ ଯୋଗେ ସୂଚନା ଦେଇଛନ୍ତି । ଜିଲାର୨୦୪୨ ଗ୍ରାମ, ସହରାଞ୍ଚଳର ୨୨୬ଟି ୱାର୍ଡ ଏବଂ ୨୨୧ଟି ପଞ୍ଚାୟତକୁ ଏ ପର୍ଯ୍ୟନ୍ତ ବାଲ୍ୟ ବିବାହ ମୁକ୍ତ ଭାବେ ଘୋଷଣା କରାଯାଇଛି । ଆଗାମୀ ଦିନରେ ଜିଲାକୁ ବାଲ୍ୟ ବିବାହ ମୁକ୍ତ କରିବାକୁ ସେ ଆହ୍ୱାନ ଦେଇଛନ୍ତି।

# ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର ଗବେଷଣାତ୍ମକ ପତ୍ରିକା ଉନ୍ମୋଚିତ

## ଓଡ଼ିଶା ରିସର୍ଚ୍ଚ କନ୍‌କ୍ଲେଭ

ବ୍ରହ୍ମପୁର ଅଫିସ,୧୫।୧୧

ଭୁବନେଶ୍ୱରଠାରେ ରବିବାର ଅନୁଷ୍ଠିତ ଓଡ଼ିଶା ରିସର୍ଚ୍ଚ କନକ୍ଲେଭରେ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ପକ୍ଷରୁ ପ୍ରସ୍ତୁତ ଗବେଷଣାତ୍ମକ ବହୁମୁଖୀ ଦ୍ୱିବାର୍ଷିକ ପତ୍ରିକା ଉନ୍ମୋଚିତ ହୋଇଥିଲା। ଏଥିରେ ମୁଖ୍ୟ ଅତିଥି ଭାବେ ଉଚ୍ଚ ଶିକ୍ଷା ମନ୍ତ୍ରୀ ଅରୁଣ କୁମାର ସାହୁଙ୍କ ସମେତ ରାଜ୍ୟ ଉଚ୍ଚଶିକ୍ଷା ପରିଷଦର ଉପାଧ୍ୟକ୍ଷ ପ୍ରଫେସର ଅଶୋକ କୁମାର ଦାସ, ଶିକ୍ଷା ବିଭାଗର ପ୍ରମୁଖ ଶାସନ ସଚିବ ଡ.ଶାଶ୍ୱତ ମିଶ୍ରଙ୍କ ସମେତ ବହୁ ଅଧିକାରୀ ଯୋଗଦେଇ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ପକ୍ଷରୁ ପ୍ରସ୍ତୁତ ଗବେଷଣାତ୍ମକ ପତ୍ରିକା ଉନ୍ମୋଚିତ କରିଥିଲେ। ବିଶ୍ୱବିଦ୍ୟାଳୟ ପକ୍ଷରୁ କୁଳପତି ପ୍ରଫେସର ଗୋବିନ୍ଦ ଜେ ଚକ୍ରପାଣି ଏହି ଦ୍ୱିବାର୍ଷିକ ଗବେଷଣା ପତ୍ରିକା ଉପସ୍ଥାପନ କରିଥିଲେ। ଏଥିରେ ବିଶ୍ୱବିଦ୍ୟାଳୟ ପରିସରରେ ଶିକ୍ଷା, ଗବେଷଣା ଓ ବିଶ୍ୱବିଦ୍ୟାଳୟ ମାନ ବୃଦ୍ଧି ସମ୍ବନ୍ଧୀୟ ୧୮ ଟି ବିଷୟ ସ୍ଥାନିତ ହୋଇଛି। ଏହି ରିସର୍ଚ୍ଚ ପତ୍ରିକା ସମ୍ପାଦନା ମଣ୍ଡଳୀରେ ମୁଖ୍ୟ ସମ୍ପାଦକ ଭାବେ ପିଜି କାଉନସିଲ ଅଧ୍ୟକ୍ଷ ପ୍ରଫେସର ଡ.ପ୍ରତାପ କୁମାର ମହାନ୍ତି, ପ୍ରଫେସର ଡ.ସୁଧାକର ପାତ୍ର, ପ୍ରଫେସର ମାନସ ରଞ୍ଜନ ପାତ୍ର, ପ୍ରଫେସର ସୁକାନ୍ତ ତ୍ରିପାଠୀ, ସହ ସମ୍ପାଦକ ଭାବେ ଡ.ବଳଭଦ୍ର ତ୍ରିପାଠୀ, ଡ. ସଦାନନ୍ଦ ନାୟକ, ଡ.ତପନ କୁମାର ବାରିକ ପ୍ରମୁଖ ସହଯୋଗ କରିଥିଲେ।

# ରାଜ୍ୟସ୍ତରୀୟ ଶିଶୁ ନାଟକ ଉତ୍ସବ ପାଇଁ ପ୍ରସ୍ତୁତି

ଭଞ୍ଜନଗର,୧୫।୧୧(ଡି.ଏନ.ଏ)

ବ୍ରହ୍ମପୁର ବିଜୁ ପଟ୍ଟନାୟକ ସଂସ୍କୃତି ଭବନ ପରିସରରେ ଆସନ୍ତା ୧୭ ଓ ୧୮ ତାରିଖ ଦୁଇଦିନ ଧରି ରାଜ୍ୟସ୍ତରୀୟ ଶିଶୁ ନାଟକ ଉତ୍ସବ ଅନୁଷ୍ଠିତ ହେବ। ଏଥିରେ ଦକ୍ଷିଣାଞ୍ଚଳର ବିଭିନ୍ନ ଅନୁଷ୍ଠାନର ଶିଶୁ କଳାକାରମାନେ ଭାଗନେବେ। ଭଞ୍ଜନଗର ସାଇ ଗୁରୁକୁଳ ଆବାସିକ ବିଦ୍ୟାଳୟର ଶିଶୁ କଳାକାରମାନେ ମଧ୍ୟ ଭାଗନେବେ। ତେଣୁ ଛାତ୍ରୀଛାତ୍ରମାନେ ଅଭ୍ୟାସ କରୁଛନ୍ତି। ସେମାନେ ନାଟକ 'ମୁଁ ପାଠ ପଢ଼ିବି' ପରିବେଷଣ କରିବେ। ୧୮ ତାରିଖରେ ଏହି ନାଟକ ପ୍ରଦର୍ଶିତ ହେବ। ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ, ଓଡ଼ିଶା ସଙ୍ଗୀତ ନାଟକ ଏକାଡ଼େମୀ ଏବଂ ବ୍ରହ୍ମପୁର ଓଡ଼ିଶା ନାଟକ ସମାରୋହ ସମିତିର ମିଳିତ ସହଯୋଗରେ ଏହି ଶିଶୁ ନାଟକ ଉତ୍ସବ ହେବ।

